ଧରିତ୍ରୀ
DHARITRI
ଶନିବାର, ୨୪ ଜୁଲାଇ, ୨୦୨୧



## ସଂକ୍ଷେପରେ

### ସାପ କାମୁଡ଼ାରେ ମହିଳାଙ୍କ ମୃତ୍ୟୁ

**ଅନୁଗୋଳ ଅଫିସ, ୨୩।୭:** ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଜଣେ ସାପ କାମୁଡ଼ା ରୋଗୀଙ୍କ ମୃତ୍ୟୁ ହୋଇଛି। ମୃତକ ଜଣଙ୍କ ଦେବଗଡ଼ ଜିଲା କୁଣ୍ଡେଇଗୁଳା ଥାନା ଗରିଆପାଲି ଗ୍ରାମର ପ୍ରେମ ନାୟକ(୪୫) ବୋଲି ଚିକିତ୍ସାଳୟ ସୂତ୍ରରୁ ସୂଚନା ମିଳିଛି। ସୂଚନାଯୋଗ୍ୟ, ଗୁରୁବାର ରାତିରେ ପ୍ରେମ ଶୋଇଥିବାବେଳେ ଏକ ବିଷଧର ସାପ କାମୁଡ଼ି ଦେଇଥିଲା। ତୁରନ୍ତ ପରିବାର ଲୋକେ ତାଙ୍କୁ ଛେଣ୍ଡିପଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ତେବେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧୀନ ଅବସ୍ଥାରେ ପ୍ରେମଙ୍କ ମୃତ୍ୟୁ ହୋଇଥିଲା। ଏ ନେଇ ମେଡିକାଲ ପକ୍ଷରୁ ସୂଚନା ଦିଆଯିବା ପରେ ଅନୁଗୋଳ ପୋଲିସ ପହଞ୍ଚି ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ପ୍ରଦାନ କରିଛି।

### ୯୧ ପଜିଟିଭ୍ ଚିହ୍ନଟ

**ଅନୁଗୋଳ ଅଫିସ, ୨୩।୭:** ଅନୁଗୋଳ ଜିଲାରେ ଦୈନିକ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ଶହେ ଛୁଇଁବାକୁ ଯାଉଛି। ଶୁକ୍ରବାର ଜିଲାରୁ ୯୧ ଜଣ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ଜିଲାରେ ମୋଟ୍ ପଜିଟିଭ୍ ସଂଖ୍ୟା ୪୨ ହଜାର ୫୪୧ରେ ପହଞ୍ଚିଥିବା ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସୂଚନା ଦେଇଛନ୍ତି। ନୂଆ ସଂକ୍ରମିତଙ୍କ ମଧ୍ୟରେ ତାଳଚେର ବ୍ଲକରୁ ୧୮ ଜଣ ଥିବାବେଳେ ଅନୁଗୋଳ ବ୍ଲକରୁ ୧୪, କଣିହାଁ ବ୍ଲକରୁ ୧୧, ଅନୁଗୋଳ ପୌରାଞ୍ଚଳରୁ ୧୦, ଛେଣ୍ଡିପଦା ବ୍ଲକରୁ ୮, କିଶୋରନଗର ବ୍ଲକରୁ ୭, ତାଳଚେର ପୌରାଞ୍ଚଳରୁ ୭, ଆଠମଲ୍ଲିକ ଏନ୍ଏସିରୁ ୪ ଓ ପାଲଲହଡ଼ା ବ୍ଲକରୁ ଜଣେ ରହିଛନ୍ତି। ସେହିପରି ଦିନକରେ ଜିଲାରୁ ୮୯ ଜଣ କରୋନାରୁ ସୁସ୍ଥ ହୋଇଥିବା ପ୍ରଶାସନ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

### ଉଦ୍ଧାର ନବଜାତ ଶିଶୁକନ୍ୟାର ମୃତ୍ୟୁ

**ଅନୁଗୋଳ ଅଫିସ, ୨୩।୭:** ଅନୁଗୋଳ ଜିଲା ବନ୍ତଲା ଥାନା ଭାଲିଆପାଳ ଗ୍ରାମରୁ ଗୁରୁବାର ଜଣେ ଯୁବକ ଉଦ୍ଧାର କରିଥିବା ନବଜାତ ଶିଶୁକନ୍ୟାର ଚିକିତ୍ସାଧୀନ ଅବସ୍ଥାରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ମୃତ୍ୟୁ ହୋଇଛି। ପ୍ରକାଶ ଯେ, ଯୁବକ ଜଣକ ନିକଟସ୍ଥ ନାଳକୁ ଗାଧୋଇବା ପାଇଁ ଯାଉଥିବା ବେଳେ ରାସ୍ତା ପାର୍ଶ୍ୱରେ ଏକ ନବଜାତ ଶିଶୁ କନ୍ୟା ପଡ଼ି କାନ୍ଦୁଥିବା ଦେଖିବାକୁ ପାଇଥିଲେ। ସ୍ଥାନୀୟ ଅଙ୍ଗନୱାଡ଼ି ଓ ଆଶା କର୍ମୀଙ୍କ ସହାୟତାରେ ଶିଶୁକନ୍ୟାକୁ ଉଦ୍ଧାର ପରେ ବନ୍ତଲା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇ ଏସ୍ଏନ୍ସିୟୁରେ ରଖାଯାଇ ଚିକିତ୍ସା କରାଯାଉଥିଲା। ତେବେ ବିଳମ୍ବିତ ରାତିରେ ଶିଶୁକନ୍ୟାଟିର ମୃତ୍ୟୁ ହୋଇଯାଇଥିଲା। ଅନୁଗୋଳ ଥାନା ଏସ୍ଆଇ ସତ୍ୟରଞ୍ଜନ ଲେଙ୍କା ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ଶବାଗାରରେ ରଖିଥିବା ଜଣାପଡ଼ିଛି।

### ଦୁର୍ଦ୍ଧାନ୍ତ ଡକାୟତଙ୍କୁ ଧରି ଖୋଳତାଡ଼

**ଅନୁଗୋଳ ଅଫିସ, ୨୩।୭:** ଅନୁଗୋଳ ସହର ଓ ଉପକଣ୍ଠରେ ଘଟିଥିବା ବିଭିନ୍ନ ଆପରାଧିକ କାର୍ଯ୍ୟକଳାପରେ ଜଡ଼ିତ ଥିବା ଜଣେ ଯୁବକଙ୍କୁ ଶୁକ୍ରବାର ଅନୁଗୋଳ ପୋଲିସ ସୁସୁଡାଠାରୁ ଉଠାଇ ଆଣି ଖୋଳତାଡ଼ ଆରମ୍ଭ କରିଛି। ସମ୍ପୃକ୍ତ ଯୁବକ କେତୋଟି ଡକାୟତି ଘଟଣାରେ ସମ୍ପୃକ୍ତ ଥିବା କୁହାଯାଉଛି। ତାଙ୍କ ନିକଟରୁ ଏକ ବନ୍ଧୁକ ଜବତ ହୋଇଥିବାବେଳେ ଅଧିକ ତଦନ୍ତ ପାଇଁ ଅନୁଗୋଳ ଥାନାରେ ତାଳଚେର ପୋଲିସ ପହଞ୍ଚିଛି। ସମ୍ପୃକ୍ତ ଯୁବକ କେଉଁ କେଉଁ ଡକାୟତି ମାମଲାରେ ଜଡ଼ିତ ଏବଂ ସହଯୋଗୀମାନେ କେଉଁଠି ଅଛନ୍ତି ତାହା ପୋଲିସ ଜାଣିବାକୁ ଉଦ୍ୟମ କରୁଛି। ସେହିପରି ଡକାୟତି କରି ଆଣିଥିବା ସାମଗ୍ରୀଗୁଡ଼ିକୁ କେଉଁଠି ଲୁଚାଇ ରଖାଯାଇଛି ତାହା ମଧ୍ୟ ଖୋଜାଯାଉଛି। ତାଳଚେର ଥାନା ଅଧିକାରୀ ସତ୍ୟବ୍ରତ ରାଉତଙ୍କ ସହ ଅନୁଗୋଳ ଥାନାର ପୋଲିସ ଅଧିକାରୀ, ସଦର ପୋଲିସ ଓ ଅନ୍ୟ ଥାନା କର୍ମଚାରୀଙ୍କୁ ନେଇ ରାତି ପର୍ଯ୍ୟନ୍ତ ତଦନ୍ତ ଜାରି ରହିଛି। ଏ ସମ୍ପର୍କରେ ଅଧିକ ସୂଚନା ଦେବାକୁ ପୋଲିସ ମନା କରିଦେଇଛି। ଯୁବକ ଜଣକ ଜଣେ ଦୁର୍ଦ୍ଧାନ୍ତ ଡକାୟତ ହୋଇଥିବାରୁ ଏକ ବଡ଼ ଅପରାଧ ଉପରୁ ପରଦା ହଟିବ ବୋଲି ଜଣେ ବରିଷ୍ଠ ପୋଲିସ ଅଧିକାରୀ କହିଛନ୍ତି।

### ମଦ ଜବତ, ଜଣେ ଗିରଫ

**ବଇଣ୍ଡା, ୨୩।୭(ଡି.ଏନ.ଏ.):** କିଶୋରନଗର ବ୍ଲକ ହଣ୍ଡପା ଥାନା ବଇଣ୍ଡା ଗ୍ରାମରେ ଗୁରୁବାର ରାତିରେ ବଇଣ୍ଡା ଫାଣ୍ଡି ପୋଲିସ ଚଢ଼ାଉ କରି ରାକେଶ ମୁଣ୍ଡାଙ୍କ ଘରୁ ୨୫ଟି ପାଉଚ ମଦ ଜବତ କରିଛି। ଏଥିସହ ତାଙ୍କୁ ଗିରଫ କରିଛି। ପୋଲିସ କହିଛି, ରାକେଶ ଘରେ ଚୋରା ମଦ ବିକ୍ରି କରୁଥିବା ଖବରପାଇ ବଇଣ୍ଡା ଫାଣ୍ଡି ଅଧିକାରୀ ଅରୁଣ କୁମାର ପଣ୍ଡା ଚଢ଼ାଉ କରିଥିଲେ। ଏ ନେଇ ନେ. ୧୨୪/୨୧ ଏକ ମାମଲା ରୁଜୁ ହୋଇଛି। ଶୁକ୍ରବାର ତାଙ୍କୁ କୋର୍ଟ ଚାଲାଣ କରାଯାଇଛି।

# ସୁରକ୍ଷା ଚିନ୍ତାରେ ସହରବାସୀ



ପୌର କାର୍ଯ୍ୟାଳୟ ନିକଟରେ ଗୁରୁବାର ବିଳମ୍ବିତ ରାତିରେ ଅନୁଗୋଳ ପୋଲିସ ଦୁଇ ବ୍ୟକ୍ତିଙ୍କୁ ସନ୍ଦେହରେ ଯାଞ୍ଚ କରୁଛି।

**ଅନୁଗୋଳ ଅଫିସ, ୨୩।୭**

- ଅନୁଗୋଳରେ ବଢ଼ୁଛି ଆପରାଧିକ କାର୍ଯ୍ୟକଳାପ
- ଦୁର୍ବୃତ୍ତଙ୍କ ଟାର୍ଗେଟ୍‌ରେ ମହିଳା, ବରିଷ୍ଠ ନାଗରିକ
- ଆଖି ପିଛୁଳାକେ ଝାମ୍ପି ନେଉଛନ୍ତି ସୁନା, ଟଙ୍କା

ଅନୁଗୋଳ ସହରରେ ବଢ଼ୁଛି ଆପରାଧିକ କାର୍ଯ୍ୟକଳାପ। ବାଇକ୍‌ରେ ଘୂରି ବୁଲୁଥିବା ଦୁର୍ବୃତ୍ତମାନେ ମହିଳା ଓ ବରିଷ୍ଠ ନାଗରିକଙ୍କୁ ଟାର୍ଗେଟ୍ କରୁଛନ୍ତି। ନିଛାଟିଆ ସ୍ଥାନ ଦେଖି ସେମାନଙ୍କ ଠାରୁ ଟଙ୍କା ଓ ସୁନା ଗହଣା ଝାମ୍ପି ନେଉଛନ୍ତି। ସେହିପରି ରାତିରେ ସହରର ବିଭିନ୍ନ ସ୍ଥାନରେ ଥିବା ବ୍ୟବସାୟିକ ପ୍ରତିଷ୍ଠାନରୁ ଚୋରି ହେଉଛି। ଏ ନେଇ ଥାନାରେ ଅଭିଯୋଗ ବଢ଼ୁଥିଲେ ମଧ୍ୟ ପୋଲିସ ସହରବାସୀଙ୍କ ସୁରକ୍ଷା ଚିନ୍ତା ଦୂର କରିପାରୁ ନାହିଁ। ଯେଉଁ କେତୋଟି ମାମଲାରେ ପୋଲିସକୁ ସଫଳତା ମିଳୁଛି, ସେଠାରେ ଦୁର୍ବୃତ୍ତମାନଙ୍କଠାରୁ ଲୁଟ୍ ବା ଚୋରି ହୋଇଥିବା ସାମଗ୍ରୀ ଉଦ୍ଧାର କରାଯାଇପାରୁ ନାହିଁ। ଏହାକୁ ନେଇ ଅଭିଯୋଗକାରୀଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି।

କିଛିଦିନ ତଳେ ଅନୁଗୋଳ ସହର ଉପକଣ୍ଠ ପଞ୍ଚମହଲାଠାରେ ଜଣେ ସୁପରଭାଇଜରଙ୍କ ନିକଟରୁ ଟଙ୍କା ଓ ମୋବାଇଲ ଲୁଟ୍ ହୋଇଥିଲା। କେତେଜଣ ଦୁର୍ବୃତ୍ତ ସମ୍ପୃକ୍ତ କର୍ମଚାରୀଙ୍କ ଠାରୁ ଉକ୍ତ ସାମଗ୍ରୀ ଛଡ଼ାଇ ନେଇ ଫେରାର ହୋଇଯାଇଥିଲେ। ସେହିପରି ଜଣେ ଅଟୋ ଚାଳକଙ୍କୁ ମାଡ଼ ମାରି ତାଙ୍କ ମୋବାଇଲ ଫୋନ୍ ଲୁଟ୍ କରାଯାଇଥିଲା। ତୁରଙ୍ଗ ଅଞ୍ଚଳର ଜଣଙ୍କ ଘରେ ପଶି କେତେଜଣ ଦୁର୍ବୃତ୍ତ ନଗଦ ୩୦ ହଜାର ଟଙ୍କା ସହ ସୁନା ଅଳଙ୍କାର ନେଇ ଚମ୍ପଟ ମାରିଥିଲେ। ଗତ ୧୯ ତାରିଖରେ ଅନୁଗୋଳ ବସ୍‌ଷ୍ଟାଣ୍ଡରେ ଜଣେ ମହିଳାଙ୍କଠାରୁ ମୋବାଇଲ ଝାମ୍ପି ନିଆଯାଇଥିଲା। ଢେଙ୍କାନାଳ ଜିଲାର ମହିଳା ଜଣକ ବସ୍ ଯୋଗେ ଘରକୁ ଫେରିବା ପାଇଁ ଅନୁଗୋଳ ବସ୍‌ଷ୍ଟାଣ୍ଡକୁ ଯାଇଥିଲେ। ଅଟୋରୁ ଓହ୍ଲାଇ ଚାଳକଙ୍କୁ ଟଙ୍କା ଦେଉଥିବା ବେଳେ ଉକ୍ତ ଅଟୋଚାଳକ ମୋବାଇଲ୍ ଝାମ୍ପି ଚମ୍ପଟ ମାରିଥିଲେ। ସେହିପରି ଗତ ୨୧ ତାରିଖରେ ଅନୁଗୋଳ ସହର ଉପକଣ୍ଠ ଖଲାରୀ ରାମେଶ୍ୱର ମନ୍ଦିର ସାହିରେ ରହୁଥିବା ଶିକ୍ଷକ ପ୍ରଭାତ ଦାସ ଲୁଟ୍‌ର ଶିକାର ହୋଇଥିଲେ। ବାଇକ୍‌ରେ ଆସିଥିବା ଦୁଇଜଣ ଦୁର୍ବୃତ୍ତ ଏଣ୍ଡୁତେଣ୍ଡୁ କଥା କହି ତାଙ୍କୁ ଅନ୍ୟମନସ୍କ କରିଦେବା ପରେ ସାଇକେଲ କ୍ୟାରିୟରରୁ ୭୫ ହଜାର ଟଙ୍କା ଝାମ୍ପି ଫେରାର ହୋଇଯାଇଥିଲେ।

ଗତ ୧୯ ତାରିଖରେ ଅନୁଗୋଳ ପୋଲିସ ଏକ ଚୋର ଗ୍ୟାଙ୍ଗର ୩ ସଦସ୍ୟଙ୍କୁ ଗିରଫ କରିଥିଲା। ସେମାନଙ୍କ ମଧ୍ୟରେ ଜଣେ ନାବାଳକ ଥିବା ଜଣାପଡ଼ିଥିଲା। ତେବେ ପୋଲିସ ରାତିରେ ପାଟ୍ରୋଲିଂ ଓ ନାକା ଲଗାଉଥିଲେ ମଧ୍ୟ ଦୁର୍ବୃତ୍ତମାନଙ୍କୁ ଧରିବାକୁ ଏହା ପର୍ଯ୍ୟାପ୍ତ ହେଉନାହିଁ। ଦିନବେଳା ପୋଲିସ ଅଧିକ ତତ୍ପର ହେଲେ ଓ ବିଭିନ୍ନ ସ୍ଥାନ ଉପରେ ସତର୍କ ନଜର ରଖିଲେ ଆପରାଧିକ କାର୍ଯ୍ୟକଳାପ ହ୍ରାସ ହୋଇପାରିବ ବୋଲି ସହରବାସୀ ମତ ଦେଇଛନ୍ତି। ଏ ସମ୍ପର୍କରେ ଜିଲାର ଜଣେ ବରିଷ୍ଠ ପୋଲିସ ଅଧିକାରୀ କହିଛନ୍ତି, ବିଭିନ୍ନ ଥାନାରେ ସ୍ୱେଶାଲ ସ୍କ୍ୱାଡ୍ ଗଢ଼ା ହୋଇଛି। କେତୋଟି ଘଟଣାର ତଦନ୍ତ କରାଯାଇ ଦୁର୍ବୃତ୍ତମାନଙ୍କୁ ଗିରଫ କରାଯାଇଛି। ଆଉ କେତୋଟି ମାମଲାର ତଦନ୍ତ ଏବେ ଚାଲୁଥିବା ବରିଷ୍ଠ ଅଧିକାରୀ ଜଣଙ୍କ ପ୍ରକାଶ କରିଛନ୍ତି।

#### ସବୁ ଥାନାରେ ସ୍ୱେଶାଲ ଟିମ୍



"ଅନୁଗୋଳ ଜିଲାରେ ଏପରି ଅପରାଧ ରୋକିବାକୁ ବିଭିନ୍ନ ଥାନାରେ ଜଣେ ଲେଖାଏ ଅଫିସରଙ୍କୁ ନେଇ ସ୍ୱେଶାଲ ଟିମ୍ ଗଠନ କରାଯାଇଛି। ଏମାନେ ପ୍ରପର୍ଟି ଅଫେନ୍ସ ମାମଲାର ତଦନ୍ତ କରୁଛନ୍ତି। କେତୋଟି ମାମଲାରେ ଦୁର୍ବୃତ୍ତମାନଙ୍କୁ କାବୁ କରାଯାଇଛି। ଆଉ କେତେକ ମାମଲାରେ ତଦନ୍ତ ଜାରି ରହିଛି।

**-ଜଗମୋହନ ମୀନା, ଏସ୍‌ପି, ଅନୁଗୋଳ**

#### ପୋଲିସକୁ ଖୋଲା ଚ୍ୟାଲେଞ୍ଜ



"ଅନୁଗୋଳ ସହରରେ ଦୁଇଟି ଥାନା ହେଲାଣି। କିନ୍ତୁ ଆପରାଧିକ କାର୍ଯ୍ୟକଳାପ ହ୍ରାସ ପାଉନାହିଁ। ସ୍ପଷ୍ଟ ଦିବାଲୋକରେ ଲୁଟ୍‌ପାଟ୍ ହେଉଛି। ପୋଲିସକୁ ଖୋଲାଖୋଲି ଚ୍ୟାଲେଞ୍ଜ ଦେଇ ଦୁର୍ବୃତ୍ତମାନେ ଅପରାଧ ଘଟାଉଛନ୍ତି। ପୋଲିସ ଅଧିକ ସଜାଗ ନ ରହି କେବଳ ନାମକୁମାତ୍ର ପାଟ୍ରୋଲିଂ କରି କାମ ସାରିଦେଉଛି।

**-ସୋମନାଥ ରାଉତ, ସମ୍ପାଦକ, ବାର୍ ଆସୋସିଏଶନ**

#### ନିଶା ବଢ଼ାଉଛି ଅପରାଧ



"ଅନୁଗୋଳ ପୋଲିସର ଢିଲା ପଣ ଯୋଗୁ ସହରରେ ଆପରାଧିକ କାର୍ଯ୍ୟକଳାପ ବଢ଼ୁଛି। ପୋଲିସ ଯଦି ଚାହିଁବ, ଚୋରି, ଲୁଟ୍‌କୁ ନିୟନ୍ତ୍ରଣ କରିପାରିବ। କିନ୍ତୁ ଏ ଦିଗରେ ପୋଲିସର ଆଗ୍ରହ ଥିବା ପରି ମନେହେଉ ନାହିଁ। ଏଥିସହ ନିଶା କବଳରେ ପଡ଼ିଯାଇଥିବା ଯୁବଗୋଷ୍ଠୀ ପଥ ହୁଡ଼ି ଏବେ ଅପରାଧୀ ପାଲଟିଯାଉଛନ୍ତି।

**-ଭବାନୀ ଶଙ୍କର ପ୍ରଧାନ, ଅନୁଗୋଳ**

#### ରାତାରାତି ଅଧିକ ରୋଜଗାର ଇଚ୍ଛା



"କରୋନା ମହାମାରୀ ବହୁ ଲୋକଙ୍କୁ ରୋଜଗାରଶୂନ୍ୟ କରିଛି। ଫଳରେ ବେକାରି ଓ ବେରୋଜଗାର ସମସ୍ୟା ବଢ଼ିଚାଲିଛି। ଏଥିରୁ ରାତାରାତି ମୁକ୍ତି ପାଇଁ ବାଟ ଖୋଜୁଥିବା ଯୁବପିଢ଼ି ଅପରାଧ ଘଟାଉଛନ୍ତି। ଜେଲରୁ ବାହାରୁଥିବା ଅପରାଧୀଙ୍କ ଉପରେ ପୋଲିସ ନଜର ରଖିପାରୁ ନାହିଁ।

**-ଭୂପେଶ ଚନ୍ଦ୍ର ପ୍ରଧାନ, ଅନୁଗୋଳ**

## ନଷ୍ଟ ହେଉଛି ଜବତ ଗାଡ଼ି



**ବଇଣ୍ଡା, ୨୩।୭(ଡି.ଏନ.ଏ.)**

ଅନୁଗୋଳ ଜିଲା କିଶୋରନଗର ବ୍ଲକ ହଣ୍ଡପା ଥାନା ଓ ବନ ବିଭାଗ ପକ୍ଷରୁ ଜବତ କରାଯାଇଥିବା ବିଭିନ୍ନ ଗାଡି ଏବେ ଖତ ଖାଉଛି। ସେଗୁଡିକ ବନବିଭାଗ ପକ୍ଷରୁ ନିଲାମ କରାଯାଉ ନ ଥିବା ଯୋଗୁ ନାମୀ ଦାମୀ ଗାଡିଗୁଡିକ ପଡ଼ିରହି ନଷ୍ଟ ହେଉଛି। ଫଳରେ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ୫୫ ନମ୍ବର ଜାତୀୟ ରାଜପଥ ଦେଇ ବିଭିନ୍ନ ଅଞ୍ଚଳରୁ ଚୋରା କାଠ, କେନ୍ଦୁପତ୍ର ବୋଝେଇ କରି ଯାଉଥିବା ବହୁ ଗାଡିକୁ ବିଭାଗ ପକ୍ଷରୁ ଜବତ କରାଯାଉଛି। ହେଲେ ସେଗୁଡିକ ବର୍ଷବର୍ଷ ଧରି ଜାମୁନାଳୀସ୍ଥିତ ବନବିଭାଗ କାର୍ଯ୍ୟାଳୟଠାରେ ପକାଇ ରଖାଯାଉଛି। ସେସବୁକୁ ନିଲାମ କରାଯାଉ ନ ଥିବାବେଳେ ଗାଡିଗୁଡିକରେ ଲାଗିଥିବା ମୂଲ୍ୟବାନ ଯନ୍ତ୍ରାଂଶ ଚୋରି ହୋଇଯାଉଥିବା ବଇଣ୍ଡା ଗ୍ରାମବାସୀ ଅଭିଯୋଗ କରୁଛନ୍ତି। ବିଭାଗ ପକ୍ଷରୁ ୨୦୧୯ରେ ୪୬ଟି ଦାମୀ ଗାଡ଼ି ନିଲାମ କରାଯାଇଥିଲା। ଏବେ ବି ୪୦ରୁ ଊର୍ଦ୍ଧ୍ୱ ଗାଡ଼ି ପଡ଼ି ରହିଛି। ସେଗୁଡ଼ିକ ଶୀଘ୍ର ନିଲାମ କରିବା ପାଇଁ ବଇଣ୍ଡା ଗ୍ରାମବାସୀ ଦାବି କରିଛନ୍ତି। ଏ ନେଇ ହଣ୍ଡପା ରେଞ୍ଜର ଚୈତ୍ୟନ ବେହେରା କହିଛନ୍ତି, ପୂର୍ବରୁ ୪୬ଟି ଗାଡିକୁ ନିଲାମ କରାଯାଇଛି। ଯେଉଁ ଗାଡିଗୁଡିକର କେସ୍ ଫାଇନାଲ ହୋଇନାହିଁ, ସେଗୁଡିକ ନିଲାମ କରାଯାଇ ନାହିଁ।

## ଓଏସ୍ଏଲ୍ ତାଳଚେର ଶାଖାରେ ଶୋକସଭା

**ତାଳଚେର, ୨୩।୭(ନି.ପ୍ର.)**

ଓଡ଼ିଶାର ବିଶିଷ୍ଟ ଶିଳ୍ପପତି ତଥା ଓଏସ୍ଏଲ୍ ଗ୍ରୁପ୍‌ର ମ୍ୟାନେଜିଂ ଡାଇରେକ୍ଟର ମହିମାନନ୍ଦ ମିଶ୍ରଙ୍କ ଧର୍ମପତ୍ନୀ ମିନତୀ ମିଶ୍ର (୭୨)ଙ୍କ ଗୁରୁବାର କଟକ ଓଡ଼ିଆ ବଜାରସ୍ଥିତ ତାଙ୍କ ବାସଭବନରେ ପରଲୋକ ହୋଇଯାଇଛି। ଏହି ଖବର ପାଇବା ପରେ ଅନୁଗୋଳ ଜିଲା ତାଳଚେରଠାରେ ଥିବା ଓଡ଼ିଶା ଷ୍ଟିଭେଡର୍ସ ଲିଃ(ଓଏସ୍ଏଲ୍) ଶାଖା ପକ୍ଷରୁ ଏକ ଶୋକସଭା ଅନୁଷ୍ଠିତ ହୋଇଥିଲା। ଓଏସ୍ଏଲ୍ କମ୍ପାନୀର ଆସିଷ୍ଟାଣ୍ଟ ଜେନେରାଲ ମ୍ୟାନେଜର ସୋମେନ୍ ଭଟ୍ଟାଚାର୍ଯ୍ୟ, ଏଜିଏମ୍ ସଞ୍ଜୟ କୁମାର ନାୟକ ଏବଂ ମ୍ୟାନେଜର ସୁବ୍ରତ କୁମାର ପାତ୍ରଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଶୋକସଭାରେ ସ୍ୱର୍ଗତା ମିଶ୍ରଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଦିଆଯାଇ ଶ୍ରଦ୍ଧାସୁମନ ଅର୍ପଣ କରାଯାଇଥିଲା। ପରେ ଓଏସ୍ଏଲ୍ ପରିବାର ପକ୍ଷରୁ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। କୋଭିଡ-୧୯ ମାର୍ଗଦର୍ଶିକା ପାଳନ ପୂର୍ବକ ଏହି ଶୋକସଭା ଅନୁଷ୍ଠିତ ହୋଇଥିଲା।



ଓଡ଼ିଶା ଷ୍ଟିଭେଡର୍ସ ଲିଃ(ଓଏସ୍ଏଲ୍) ତାଳଚେର ଶାଖାରେ ଶୋକସଭା।

## ଠକେଇ ଅଭିଯୋଗରେ ଯୁବନେତା ଗିରଫ

**ଅନୁଗୋଳ ଅଫିସ, ୨୩।୭**

ଅନୁଗୋଳ ସହରରେ ଠକେଇ କରିଥିବା ଅଭିଯୋଗରେ ଏକ ରାଜନୈତିକ ଦଳର ଯୁବ ନେତା ପ୍ରଦ୍ୟୁମ୍ନ କୁମାର ସାହୁ(୨୩)ଙ୍କୁ ଅନୁଗୋଳ ପୋଲିସ ଶୁକ୍ରବାର ଗିରଫ କରିଛି। ଏକ କମ୍ପାନୀର ଡିଷ୍ଟ୍ରିବ୍ୟୁଟର କରାଇ ଦେବା ପାଇଁ ସେ ତାଳଚେର ଅଞ୍ଚଳର ସୁବ୍ରତ କୁମାର ସାହୁଙ୍କ ନିକଟରୁ ଲକ୍ଷେ ଟଙ୍କା ନେଇଥିଲେ। କିନ୍ତୁ ଜାଲ୍ କାଗଜପତ୍ର ଦେବା ସହ ତାଙ୍କୁ କମ୍ପାନୀର କୌଣସି ମାଲ ଦେଇ ନ ଥିଲେ। ସୁବ୍ରତ ଏ ସଂକ୍ରାନ୍ତରେ କମ୍ପାନୀ କର୍ତ୍ତୃପକ୍ଷଙ୍କୁ ଟୁଇଟ୍ କରି ଜଣାଇଥିଲେ। ଆବଶ୍ୟକ କାଗଜପତ୍ର ମଧ୍ୟ ପଠାଇଥିଲେ। କମ୍ପାନୀ ପକ୍ଷରୁ ତାଙ୍କ କାଗଜପତ୍ର ଯାଞ୍ଚ କରାଯିବା ପରେ ତାହା ଜାଲ୍ ବୋଲି ଜଣାପଡ଼ିଥିଲା। ଏ ନେଇ କମ୍ପାନୀ ପକ୍ଷରୁ ଲିଖିତ ଅଭିଯୋଗ କରାଯାଇଥିଲା। ପୋଲିସ ନଂ. ୩୬୯/୨୧ରେ ମାମଲା ରୁଜୁ କରିବା ସହ ଗିରଫ ପରେ ଯୁବନେତାଙ୍କୁ କୋର୍ଟ ଚାଲାଣ କରିଥିବା ଅନୁଗୋଳ ପୋଲିସ ପକ୍ଷରୁ କୁହାଯାଇଛି।





ଅନୁଗୋଳ ପୌରପାଳିକା ପକ୍ଷରୁ ଶୁକ୍ରବାର ସନ୍ଧ୍ୟାରେ ସହରରେ ମଶାଧୂଆଁ ଗାଡ଼ି ବୁଲାଯାଉଛି। (ଫଟୋ- ବୁବୁ)

## ବିଦ୍ୟାଳୟରେ ୬୨ ୟୁନିଟ୍ ରକ୍ତ ସଂଗ୍ରହ

**ଛେଣ୍ଡିପଦା, ୨୩।୭(ସ୍ୱ.ପ୍ର.)**

ଛେଣ୍ଡିପଦା ବ୍ଲକ ତୁକୁଡା ଗ୍ରାମର ରାଜସଂସ୍କାର କମିଟି ପକ୍ଷରୁ ଉଚ୍ଚପ୍ରାଥମିକ ବିଦ୍ୟାଳୟ ପରିସରରେ ଗୁରୁବାର ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋଟ୍ ୬୨ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ବାଳକୃଷ୍ଣ ପଟ୍ଟନାୟକ ଯୁବ ମଞ୍ଚର ଆବାହକ ମାନସ ସାହୁ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଅତିଥି ଭାବେ ସାମାଜିକ କର୍ମୀ ସୁଶାନ୍ତ ତ୍ରିପାଠୀ ଉପସ୍ଥିତ ଥିଲେ। ରାଜ ସଂସ୍କାର କମିଟି ସଭାପତି ରବୀନ୍ଦ୍ର ସାହୁଙ୍କ ତତ୍ତ୍ୱାବଧାନରେ ଶିବିରରେ ସମାଜିକ କର୍ମୀ ସୁମନ୍ତ ସାହୁ, ସମ୍ପାଦକ ସିପୁନ ବିଶ୍ୱାଳ, ବାପୁଜୀ ସାହୁ, କୃଷ୍ଣଚନ୍ଦ୍ର ସାହୁ, ଚନ୍ଦନ ବାରିକ, ରାକେଶ ଦେହୁରୀ ପ୍ରମୁଖ ପରିଚାଳନା କରିଥିଲେ। ଡାକ୍ତର ବିଶ୍ୱବିଜୟ ସୌମ୍ୟରଞ୍ଜନ ସାହୁ ରକ୍ତ ଦାତାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ହରିଶ ଚନ୍ଦ୍ର ଜେନା, ଭରତ ସାହୁ, ରାକେଶ ପ୍ରଧାନ, ଅଭିମନ୍ୟୁ ବେହେରା, ସୁକାନ୍ତ ସାହୁ ପ୍ରମୁଖ ସହଯୋଗ କରିଥିଲେ।

## ଟେଲିଫୋନ ଏକ୍ସଚେଞ୍ଜରୁ ଚୋରି, ୪ ଗିରଫ

**ଖମାର, ୨୩।୭(ଡି.ଏନ.ଏ.)**

ପାଲଲହଡ଼ା ଉପଖଣ୍ଡ ଖମାର ଥାନା ଜେନାପଡ଼ାରେ ଥିବା ବିଏସ୍ଏନ୍ଏଲ୍ କାର୍ଯ୍ୟାଳୟରୁ ଗୁରୁବାର ରାତିରେ ଚୋରି ହୋଇଛି। ଏ ନେଇ ଶୁକ୍ରବାର ଥାନାରେ ଅଭିଯୋଗ ପରେ ପୋଲିସ ତୁରନ୍ତ ପଦକ୍ଷେପ ନେଇ ୪ ଜଣଙ୍କୁ ଗିରଫ କରିଛି। ସେମାନଙ୍କ ନିକଟରୁ ଚୋରି ହୋଇଥିବା ସାମଗ୍ରୀ ଜବତ କରାଯାଇଥିବା ଥାନା ଅଧିକାରୀ ଜ୍ଞାନ ରଞ୍ଜନ ସାମଲ ସୂଚନା ଦେଇଛି।

ପ୍ରକାଶ ଯେ, ଉକ୍ତ ଏକ୍ସଚେଞ୍ଜରୁ ଗୋଟିଏ ଏସି, ଇନଭର୍ଟର ବ୍ୟାଟେରି ଓ ଜେନେରେଟରରେ ବ୍ୟବହାର ହେଉଥିବା ହ୍ୟାଣ୍ଡେଲ ଚୋରି ହୋଇଥିବା ନେଇ ବିଭାଗୀୟ ସହକାରୀ ଯନ୍ତ୍ରୀ ଗୌରୀଶଙ୍କର ପ୍ରଧାନ ଖମାର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏତଲା ପାଇବାର ୨୪ ଘଣ୍ଟା ନପୂରୁଣୁ ପୋଲିସ ୪ ଅଭିଯୁକ୍ତ ଜେନାପଡ଼ାର ପୂର୍ଣ୍ଣଚନ୍ଦ୍ର ନାଏକ, ଜୟମଲ ଅଞ୍ଚଳର ଉତ୍ତମ କୁମାର ସାହୁ, ଶଙ୍ଖମୁର ଅଞ୍ଚଳର ସୁନୀଲ କୁମାର ସାହୁ ଓ ଖଲିଚାନ୍ଦ ଅଞ୍ଚଳର କ୍ଷୀରୋଦ ବେହେରାଙ୍କୁ ନଂ. ୧୪୦/୨୧ ମାମଲାରେ ଗିରଫ କରିବା ସହ କୋର୍ଟଚାଲାଣ କରିଛି। ଏଥିରେ ଆଉ କେତେଜଣଙ୍କ ସମ୍ପୃକ୍ତି ଥିବା ପୋଲିସ ସନ୍ଦେହ କରୁଛି। ଏ ସମ୍ପର୍କରେ ବିଏସ୍ଏନ୍ଏଲ୍ ସହକାରୀ ଯନ୍ତ୍ରୀ ପ୍ରଧାନ କହିଛନ୍ତି, ଏକ୍ସଚେଞ୍ଜରେ କେହି ନ ଥିବାର ସୁଯୋଗ ନେଇ ଚୋରମାନେ ରାତିରେ ବିଭିନ୍ନ ସାମଗ୍ରୀ ଚୋରି କରିଥିଲେ।





ଜବତ ସାମଗ୍ରୀ ସହ ପୋଲିସ ୪ ଅଭିଯୁକ୍ତଙ୍କୁ ହାଜର କରାଇଛି।

## ଶବାଗାରରେ ଶଢୁଛି ମୃତଦେହ

**ଅନୁଗୋଳ ଅଫିସ, ୨୩।୭**

- ସପ୍ତାହେ ହେବ କାମ କରୁନି ଫ୍ରିଜର
- ଦୁର୍ଗନ୍ଧରେ ଫାଟିଯାଉଛି ନାକ
- କର୍ତ୍ତୃପକ୍ଷ କହିଲେ ଖବର ନାହିଁ

ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟ ଶବାଗୃହରେ ଶଢୁଛି ମୃତଦେହ। ସପ୍ତାହେ ହେଲା ଏକମାତ୍ର ଫ୍ରିଜର ଅଚଳ ହୋଇପଡ଼ିଥିବାରୁ ବାଧହୋଇ କଫିନ ମଧ୍ୟରେ ମୃତଦେହ ରଖାଯାଉଥିବା ବେଳେ ତାହା ନଷ୍ଟ ହୋଇଯାଉଛି। ବାହାରକୁ ଗନ୍ଧ ଜଣାପଡୁଥିଲେ ମଧ୍ୟ ଏ ନେଇ କର୍ତ୍ତୃପକ୍ଷଙ୍କ ନିକଟରେ କୌଣସି ଖବର ନ ଥିବା ସୂଚନା ମିଳିଛି।

ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଦୈନିକ ଶତାଧିକ ରୋଗୀ ଜିଲା ଓ ଜିଲା ବାହାରୁ ଆସୁଛନ୍ତି। ପଶ୍ଚିମ ଓଡ଼ିଶାରୁ ଗୁରୁତରଙ୍କୁ କଟକ ଓ ଭୁବନେଶ୍ୱର ନିଆଯାଉଥିବାବେଳେ ବାଟରେ ଅବସ୍ଥା ବିଗିଡ଼ିଗଲେ ସମ୍ପୃକ୍ତ ରୋଗୀଙ୍କୁ ଅନୁଗୋଳ ହସ୍ପିଟାଲରେ ଭର୍ତ୍ତି କରାଯାଉଛି। ତେବେ ଚିକିତ୍ସାଧୀନ ଅବସ୍ଥାରେ କୌଣସି ରୋଗୀଙ୍କ ମୃତ୍ୟୁ ଘଟିଲେ, ସମ୍ପର୍କୀୟ ଆସିବା ପର୍ଯ୍ୟନ୍ତ ଶବାଗୃହରେ ସଂରକ୍ଷିତ ରଖାଯାଉଛି। କିନ୍ତୁ ସପ୍ତାହେ ହେବ ଶବାଗାର ଫ୍ରିଜର ଅଚଳ ହୋଇପଡ଼ିଛି। କମ୍ପ୍ରେସର ଖରାପ ହୋଇଯିବାରୁ ତାହା ଆଉ ଥଣ୍ଡା କରୁନାହିଁ। ଫଳରେ କଫିନ ମଧ୍ୟରେ ରଖାଯାଉଥିବା ମୃତଦେହ ଶଢ଼ିଯାଉଥିବା ଚର୍ଚ୍ଚା ହେଉଛି। ଶବାଗୃହରେ ଗୋଟିଏ ଫ୍ରିଜର ଥିବାବେଳେ ସେଥିରେ ଦୁଇଟି ମୃତଦେହ ରହିବାର ବ୍ୟବସ୍ଥା ଅଛି। ହେଲେ ଅଧିକ ମୃତଦେହ ଆସିଲେ ତାହାକୁ ଠିକ୍ ଭାବେ ସଂରକ୍ଷିତ କରାଯାଇପାରୁ ନାହିଁ। ଏପରି କି କଫିନ ମଧ୍ୟରେ ମୃତଦେହ ରଖାଯାଉଥିବା ଜଣାପଡ଼ିଛି। ଏ ନେଇ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ତ୍ରିଲୋଚନ ପ୍ରଧାନ କହିଛନ୍ତି ଶବାଗାରରେ ସୃଷ୍ଟି ହୋଇଥିବା ଅବ୍ୟବସ୍ଥା ସମ୍ପର୍କରେ ତାଙ୍କ ନିକଟରେ କୌଣସି ସୂଚନା ନାହିଁ। ଫ୍ରିଜର ଖରାପ ହୋଇଥିବା ଘଟଣାର ଅନୁଧ୍ୟାନ କରାଯିବା ପରେ ପଦକ୍ଷେପ ଗ୍ରହଣ କରାଯିବ।



ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଥିବା ମୃତଦେହ ସଂରକ୍ଷଣ ଗୃହ।

## ନାବାଳକଙ୍କ ସନ୍ଦେହଜନକ ମୃତ୍ୟୁ

**ଅନୁଗୋଳ ଅଫିସ, ୨୩।୭**

ଅନୁଗୋଳ ଜିଲା ଆଠମଲ୍ଲିକ ବ୍ଲକ ପୁରୁଣାମାଣିତ୍ରୀ ଅଞ୍ଚଳର ଜଣେ ନାବାଳକଙ୍କ ମୃତ୍ୟୁ ଚର୍ଚ୍ଚାର ବିଷୟ ହୋଇଛି। କେଉଁ କାରଣରୁ ନବାଳକଙ୍କ ମୃତ୍ୟୁ ଘଟିଛି ତାହା ଜଣାପଡ଼ି ନ ଥିଲେ ମଧ୍ୟ ପୋଲିସ ବ୍ୟବଚ୍ଛେଦ ରିପୋର୍ଟକୁ ଅପେକ୍ଷା କରିଛି। ପ୍ରକାଶ ଯେ, ପୁରୁଣାମାଣିତ୍ରୀ ଅଞ୍ଚଳର ରଶ୍ମୀ ରଞ୍ଜନ ପ୍ରଧାନଙ୍କ ପୁଅ ଅମୀୟ ଭୂଷଣ ପ୍ରଧାନ ଗୁରୁବାର ରାତିରେ ଶୋଇଥିଲେ। ବିଳମ୍ବିତ ରାତିରେ ହଠାତ୍ ତାଙ୍କର ବାନ୍ତି ହୋଇଥିଲା। ଏହାପରେ ପାଟି ଖୋଲି ନ ଥିଲା। ଏଭଳି ଅବସ୍ଥା ଦେଖି ପରିବାର ଲୋକେ ତୁରନ୍ତ ତାଙ୍କୁ ଆଠମଲ୍ଲିକ ଡାକ୍ତରଖାନାକୁ ନେଇଯାଇଥିଲେ। ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଡାକ୍ତର ପଠାଇ ଦେଇଥିଲେ। କିନ୍ତୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ି ନ ଥିବା ଡାକ୍ତରଖାନା ପକ୍ଷରୁ କୁହାଯାଇଛି। ଅନୁଗୋଳ ପୋଲିସ ଏକ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

**ସଂକ୍ଷେପରେ**

## ଦୁର୍ଗମ ଅଞ୍ଚଳରେ ମ୍ୟାଲେରିଆ ସଚେତନତା

**ପରଜଙ୍ଗ, ୨୩।୭(ଡି.ଏନ୍.ଏ.):** ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକର ଦୁର୍ଗମ ଆଦିବାସୀ ଅଧୁଷିତ କାଦବସନ୍ତ ଗ୍ରାମରେ ଗୁରୁବାରଠାରୁ ଆରମ୍ଭ ହୋଇଛି ମ୍ୟାଲେରିଆ ସଚେତନତା କାର୍ଯ୍ୟକ୍ରମ 'ଦମନ'। ମୁକ୍ତାପଶି ଉପ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମ୍ୟାଲେରିଆ ଚିହ୍ନଟ ଲାଗି ଅଞ୍ଚଳବାସୀଙ୍କ ରକ୍ତ ନମୁନା ସଂଗ୍ରହ କରାଯାଉଛି। ଏଥିସହ ଗର୍ଭବତୀ, ପ୍ରସୂତିଙ୍କ ରକ୍ତହୀନତା, ରକ୍ତଚାପ ମାପ କରାଯାଇ ଔଷଧ ବିତରଣ କରାଯିବ। ଶୂନରୁ ପାଞ୍ଚ ବର୍ଷର ଶିଶୁଙ୍କ ଓଜନ ମାପ କରାଯିବ। ଅପପୁଷ୍ଟିର ଶିକାର ହୋଇଥିଲେ ଆବଶ୍ୟକ ପରାମର୍ଶ ସାଙ୍ଗକୁ ଚିକିତ୍ସା ବ୍ୟବସ୍ଥା କରାଯିବ। ପରଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଭେକ୍ଟର ବାହିତ ରୋଗ ବୈଷୟିକ ପରାମର୍ଶଦାତା ଅଶୋକ କୁମାର ନାଥ, ବହୁମୁଖୀ ସ୍ୱାସ୍ଥ୍ୟକର୍ମୀ ହରିହର ସିଂ, ଭଗବତୀ ହୋତା, ଆଶାକର୍ମୀ, ଅଙ୍ଗନୱାଡି କର୍ମୀ, ସ୍ୱେଚ୍ଛାସେବୀମାନେ ଏଥିରେ ଅଂଶଗ୍ରହଣ କରିଛନ୍ତି। ସୂଚନାଯୋଗ୍ୟ, ରାଜ୍ୟର ମ୍ୟାଲେରିଆପ୍ରବଣ ଅଞ୍ଚଳରେ ରୋଗୀ ଚିହ୍ନଟ ଏବଂ ମ୍ୟାଲେରିଆଜନିତ ମୃତ୍ୟୁହାର ଶୂନ୍ୟସ୍ତରକୁ ଆଣିବାକୁ ରାଜ୍ୟ ସରକାରଙ୍କ ପକ୍ଷରୁ ଆରମ୍ଭ ହୋଇଛି 'ଦମନ'। ଏହି କାର୍ଯ୍ୟକ୍ରମ ଆନୁକୂଲ୍ୟରେ ଦୁର୍ଗମ ଅଞ୍ଚଳବାସୀଙ୍କୁ ମଶାଦ୍ୱାରା ବ୍ୟାପୁଥିବା ସଂକ୍ରାମକ ରୋଗ ଏବଂ ଏଥିରୁ ରକ୍ଷା ପାଇବାର ଉପାୟ ସମ୍ପର୍କରେ ସଚେତନ କରାଯାଉଛି।

## ୪ ଶିକାରୀ ଗିରଫ, ୨ ବନ୍ଧୁକ ଜବତ



**ଢେଙ୍କାନାଳ ଅଫିସ, ୨୩।୭:** ଢେଙ୍କାନାଳ ଜିଲା କପିଳାସ ଅଭୟାରଣ୍ୟରେ ଶିକାରୀଙ୍କ ଦୌରାତ୍ମ୍ୟ କମୁନାହିଁ। ନିୟମିତ ଚଢ଼ାଉ ସତ୍ତ୍ୱେ ନିଷିଦ୍ଧାଞ୍ଚଳରୁ ଶିକାରୀଙ୍କ ଉପସ୍ଥିତି ବନ ବିଭାଗର ମୁଣ୍ଡବ୍ୟଥା ବଢ଼ାଇଛି। ଅଭୟାରଣ୍ୟରେ ଶିକାର ଯୋଜନା କରୁଥିବାବେଳେ କପିଳାସ ରେଞ୍ଜ କର୍ମଚାରୀଙ୍କ ହାତରେ ଶୁକ୍ରବାର ୪ ଶିକାରୀ ଧରାପଡ଼ିଛନ୍ତି। ସେମାନେ ହେଲେ ଗଁଦିଆ ଥାନା ଦେଓଗାଁର ଇନ୍ଦ୍ରଜିତ କର (୧୯), ମହେନ୍ଦ୍ର ସାହୁ (୪୧), ଅମରେନ୍ଦ୍ର ମହାପାତ୍ର (୪୫) ଏବଂ ପତିତପାବନ ନାୟକ (୫୦)। ସେମାନଙ୍କ ନିକଟରୁ ୨ଟି ଦେଶୀ ବନ୍ଧୁକ, ୧୦୦ ବଣ୍ଡଲ ଜିଆଇ ତାର ଏବଂ ଗୋଟିଏ ସ୍ୱଚ୍ ଲାଇଟ ଜବତ କରାଯାଇଛି। ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଥିବା ରେଞ୍ଜର ଗୌତମ ପ୍ରଧାନ ସୂଚନା ଦେଇଛନ୍ତି।

## ବାଧତାମୂଳକ ଶିକ୍ଷା ସମ୍ପର୍କିତ ଆଲୋଚନା

**ଢେଙ୍କାନାଳ ଅଫିସ,୨୩।୭:** ଢେଙ୍କାନାଳ ଆଇନସେବା ପ୍ରାଧିକରଣ ଅଧକ୍ଷ ଶରତ କୁମାର ଦେହୁରୀଙ୍କ ନିର୍ଦ୍ଦେଶକ୍ରମେ 'ଶିଶୁ ନ୍ୟାୟ ଅଧିନିୟମ ଓ ବାଧତାମୂଳକ ଶିକ୍ଷା ଅଧିକାର' ଶୀର୍ଷକ ସଚେତନ କାର୍ଯ୍ୟକ୍ରମ ଭର୍ଚୁଆଲ ମୋଡ୍‌ରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ବ୍ରଜନାଥ ବଡ଼ଜେନା ହାଇସ୍କୁଲର ଛାତ୍ରୀଛାତ୍ର, ପାରାଲିଗାଲ ସ୍ୱେଚ୍ଛାସେବୀ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଜିଲା ଆଇନସେବା ପ୍ରାଧିକରଣ ସଚିବ ସୁକାନ୍ତ କିଶୋର ଜେନା ଶିଶୁଙ୍କ ଅଧିକାର, ଆଇନରେ ଥିବା ନିୟମାବଳୀ ସମ୍ପର୍କରେ ବିସ୍ତୃତ ତଥ୍ୟ ରଖିଥିଲେ। ପ୍ରଥମଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ ଶ୍ରୀମୟୀ ନନ୍ଦ ୬ରୁ ୧୪ ବର୍ଷର ପିଲାମାନଙ୍କ ପାଇଁ ରହିଥିବା ବାଧତାମୂଳକ ଶିକ୍ଷା ବିଷୟରେ ସଚେତନ କରାଇଥିଲେ। ଶିଶୁ ମଙ୍ଗଳ କମିଟି ସଦସ୍ୟା ଭାନୁମତୀ ପାଣି, ବିଚାରପତି ଲଳିତ କୁମାର ଦାଶ, ରାଜକିଶୋର ମହାପାତ୍ର, ମୁକ୍ତିରଞ୍ଜନ ଶତପଥୀ, ସୂର୍ଯ୍ୟନାରାୟଣ ଦ୍ୱିବେଦୀ, ସୁବାସ ଚନ୍ଦ୍ର ଧଳ, ଲୋପାମୁଦ୍ରା ପଣ୍ଡା, ସୁଶୀଲ କୁମାର ସାହୁ, ସାବିତ୍ରୀ ନାୟକ, ସନ୍ଧ୍ୟା ରଥ, ନିଶା ଅଗ୍ରୱାଲ, ସିଭିଲକୋର୍ଟ ରେଜିଷ୍ଟ୍ରାର ଚିନ୍ମୟ ମିଶ୍ର, ବ୍ରଜନାଥ ବଡ଼ଜେନା ହାଇସ୍କୁଲ ଶିକ୍ଷକ ଦେବରାଜ ରାଉତ, ଥାନା ଅଧିକାରୀ ଅମ୍ରିତା ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# ଅସହାୟ ଆଦିବାସୀ



ମହୁଲଖୋଲିର ଅସହାୟ ଗରିବ ଆଦିବାସୀ ପରିବାରର ସଦସ୍ୟମାନେ।

**ଢେଙ୍କାନାଳ ଅଫିସ, ୨୩।୭**

- ଖାଦ୍ୟ ପାଇଁ ସଂଘର୍ଷ କରୁଛନ୍ତି ୭ ପରିବାର
- ଆଧାର ନ ଥିବାରୁ ମିଳୁନି ରାଶନ ସାମଗ୍ରୀ
- ଭଙ୍ଗାଦଦରା କୁଡ଼ିଆରେ ବିତୁଛି ଜୀବନ

ଉପେକ୍ଷିତ ହେବେନାହିଁ ଆଦିବାସୀ। ବଣଡଙ୍ଗରରେ ରହୁଥିବା ବନବାସୀଙ୍କୁ ମୁଖ୍ୟସ୍ରୋତକୁ ଅଣାଯିବ। ବିଭିନ୍ନ ଜନକଲ୍ୟାଣ ଯୋଜନାରେ ସାମିଲ ହେବେ ସେମାନେ। ସେମାନଙ୍କୁ ହାତପାଆନ୍ତାରେ ମିଳିବ ସର୍ବନିମ୍ନ ମୌଳିକ ସୁବିଧା। ପ୍ରକୃତି କୋଳରେ ବଢ଼ି ପ୍ରକୃତିରୁ ଜୀବନ ଜୀବିକାର ବାଟ ଖୋଜୁଥିବା ଆଦିବାସୀ ପରିବାର ପାଇଁ ସରକାରଙ୍କ ଏଭଳି ଗଦା ଗଦା ପ୍ରତିଶ୍ରୁତି। ତେବେ ଶିଳ୍ପବହୁଳ ଢେଙ୍କାନାଳ ଜିଲା ଗଁଦିଆ ବ୍ଲକ ଦେଓଗାଁ ପଞ୍ଚାୟତର ମହୁଲଖୋଲି ଗ୍ରାମରେ ରହୁଥିବା ୭ ଆଦିବାସୀ ପରିବାରର ଦୁର୍ଦ୍ଦଶାର ଦୟନୀୟ ଚିତ୍ର ଦେଖିଲେ ସବୁ ଯୋଜନା ଯୋଜନ ଦୂରରେ ରହିଯାଇଥିବା ସ୍ପଷ୍ଟ ବାରିହୋଇପଡୁଛି।

ମହୁଲଖୋଲି ଗ୍ରାମରେ ବାସ କରନ୍ତି ଶବର ସମ୍ପ୍ରଦାୟର ୭ ଆଦିବାସୀ ପରିବାର। ମୋଟ ସଦସ୍ୟଙ୍କ ସଂଖ୍ୟା ୨୨। ପୂର୍ବରୁ ଯାଯାବର ଜୀବନଯାପନ କରୁଥିବା ଏହି ପରିବାର ୧୦ ବର୍ଷ ହେଲା ମହୁଲଖୋଲିକୁ ସ୍ଥାୟୀ ଆବାସ ଭାବେ ବାଛି ନେଇଛନ୍ତି। ହେଲେ ସେମାନଙ୍କ ପାଖରେ ଏବେ ବି ଅପହଞ୍ଚ ସରକାରୀ ଯୋଜନା। ଭୂମିହୀନ ପରିବାରକୁ ଜାଗା ଯୋଗାଇଦେବା ନିୟମ ଥିବାବେଳେ ଏଥିରୁ ବଞ୍ଚିତ ହୋଇ ରହିଛନ୍ତି ସେମାନେ। ଆର୍ଥିକ ସ୍ଥିତି ଅତି ଶୋଚନୀୟ ହୋଇପଡ଼ିଥିବାରୁ ସରକାରୀ ଜମିରେ ଝାଟିମାଟି କୁଡ଼ିଆରେ ଭାଗ୍ୟକୁ ଆଦରି ପଡ଼ି ରହିଛନ୍ତି। ହାତୀପ୍ରବଣ ଉକ୍ତ ଅଞ୍ଚଳରେ ଛୋଟ ଛୋଟ ପିଲାଙ୍କୁ ଧରି ବିପଦପୂର୍ଣ୍ଣ ଜୀବନ ଜିଉଛନ୍ତି। ସାମାନ୍ୟ ବର୍ଷା ପବନ ହେଲେ ସ୍କୁଲ ବାରଣ୍ଡାରେ ଆଶ୍ରୟ ନେଉଛନ୍ତି। ଆଧାର କାର୍ଡ, ଜାତିଗତ ପ୍ରମାଣପତ୍ର ନ ଥିବାରୁ ସେମାନେ ଆବାସ ଯୋଜନା ତାଲିକାଭୁକ୍ତ ହୋଇପାରୁନାହାନ୍ତି। ଆବଶ୍ୟକ କାଗଜପତ୍ର ହୋଇ ପାରୁ ନ ଥିବାରୁ ସୁଲଭ ରାଶନ ମଧ ମିଳୁନାହିଁ। ଫଳରେ କରୋନା ମହାମାରୀ ସମୟରେ ସମ୍ପୃକ୍ତ ଆଦିବାସୀ ପରିବାର ଖାଦ୍ୟ ପାଇଁ ସଂଘର୍ଷ କରୁଛନ୍ତି। କେତେଜଣ ପୁରୁଷ ବ୍ୟକ୍ତି ପାରମ୍ପରିକ ଘୁଡୁକି ବଜାଇ ଗାଁ ଗାଁ ବୁଲି ମାଗି ଯାଚି ଦାନା ଯୋଗାଡ଼ କରୁଥିବାବେଳେ ମହିଳାମାନେ ଛାଞ୍ଚୁଣି, ଖଡ଼ିକା ଝାଡୁ ତିଆରି କରି ଦୁଃଖକଷ୍ଟରେ ପରିବାର ଚଳାଉଛନ୍ତି। ଶିକ୍ଷାର ଅଭାବ ସେମାନଙ୍କ ଜୀବନକୁ ଦୁର୍ବିଷହ କରିଦେଇଛି। ଜନପ୍ରତିନିଧି, ପ୍ରଶାସନିକ ଅଧିକାରୀଙ୍କୁ କାକୁତି ମିନତି ହେଉଥିଲେ ମଧ କେହି ଶୁଣୁ ନ ଥିବା ରାମ ପଧାନ, ଦାସ ପଧାନ, କାହ୍ନୁ ପଧାନ, ପଦିଆ ପଧାନ, ସିନ୍ଧୁଆ ପଧାନ, ଅଭି ପଧାନ ପ୍ରମୁଖ ଅଭିଯୋଗ କରିଛନ୍ତି।

ଏ ସଂକ୍ରାନ୍ତରେ ବିଡିଓ ନେତ୍ରାନନ୍ଦ ମଲ୍ଲିକ କୁହନ୍ତି, ସମ୍ପୃକ୍ତ ଆଦିବାସୀ ପରିବାର ସମ୍ପର୍କରେ ତାଙ୍କ ନିକଟରେ କୌଣସି ସୂଚନା ନାହିଁ। ତଦନ୍ତ କରାଗଲେ ପ୍ରକୃତ ତଥ୍ୟ ଜଣାପଡ଼ିବ। ବ୍ଲକ ଯୋଗାଣ ବିଭାଗ ମାର୍କେଟିଂ ଇନ୍ସପେକ୍ଟର ସ୍ୱର୍ଣ୍ଣପ୍ରଭା ଜେନା କୁହନ୍ତି, ୭ ଆଦିବାସୀ ପରିବାର ରାଶନ ସାମଗ୍ରୀ ପାଉ ନ ଥିବା ସୂଚନା ମିଳିଛି। ଖୁବଶୀଘ୍ର ଆଧାର କାର୍ଡ କରି ସେମାନଙ୍କୁ ଖାଦ୍ୟ ସୁରକ୍ଷା ଯୋଜନାରେ ସାମିଲ କରାଯିବ।

### ଆମ ଦୁଃଖ କେହି ଶୁଣୁନାହାନ୍ତି



"ଦୀର୍ଘ ୧୦ ବର୍ଷ ହେଲା ପଞ୍ଚାୟତରେ ବାସ କରୁଛୁ। ଲେଖାପଢ଼ି ଜାଣି ନ ଥିବାରୁ ସରକାରୀ ଯୋଜନା ବିଷୟରେ ଜାଣିପାରୁନୁ। ଘର ନାହିଁ। କୁଡ଼ିଆ କରି ରହୁଛୁ। ଚାଉଳ ମିଳୁନି। ଜାତିଗତ ପ୍ରମାଣପତ୍ର ମଧ ନାହିଁ। ଆମ ଦୁଃଖ କେହି ଶୁଣୁନାହାନ୍ତି।

–ରାମ ପଧାନ, ଗ୍ରାମବାସୀ

### ଓଳିଏ ଖାଇଲେ ଦି ଓଳି ଓପାସ



"ଘର ଘର ବୁଲି ମାଗିଯାଚି ଆଣିଲେ ପରିବାର ଲୋକଙ୍କ ପେଟକୁ ଦାନା ଯାଏ। ଓଳିଏ ଖାଇଲେ ଦି ଓଳି ଓପାସ ରହୁଛୁ। ଆଧାର କାର୍ଡ ନ ଥିବାରୁ ସରକାରଙ୍କ ରାଶନ ସାମଗ୍ରୀ ମିଳୁନାହିଁ। ଝାଟିମାଟି କୁଡ଼ିଆ ଘରେ ଜୀବନକୁ ପାଣି ଛଡ଼ାଇ ରହୁଛୁ।

–ପଦ୍ମା ପଧାନ, ଗ୍ରାମବାସୀ

### ଅଧିକାର କ୍ଷୁଣ୍ଣ ହୋଇଛି



"ଜନମଙ୍ଗଳ ରାଷ୍ଟ୍ରରେ ନାଗରିକଙ୍କ ମୌଳିକ ଆବଶ୍ୟକତା ପୂରଣ କରିବା ସରକାରଙ୍କ ଦାୟିତ୍ୱ। ହେଲେ ମହୁଲଖୋଲି ଗ୍ରାମର ୭ ଆଦିବାସୀ ପରିବାର ଏଥିରୁ ବଞ୍ଚିତ ହେବା ଅମାନବୀୟ ଘଟଣା। ଏଥିରେ ସେମାନଙ୍କ ଅଧିକାର କ୍ଷୁଣ୍ଣ ହୋଇଛି। ଏଥିରୁ ଗରିବଙ୍କ ପ୍ରତି ଜନପ୍ରତିନିଧି ଏବଂ ପ୍ରଶାସନିକ ଅଧିକାରୀଙ୍କ କେତେ ଉତ୍ତରଦାୟିତ୍ୱ ରହିଛି, ତାହା ସହଜରେ ଅନୁମେୟ।

–ରାଜକିଶୋର ବେହେରା, ମାନବାଧିକାର କର୍ମୀ

## ୩୭ ଆକ୍ରାନ୍ତ, ଜଣେ ମୃତ

**ଢେଙ୍କାନାଳ ଅଫିସ,୨୩।୭**

ଢେଙ୍କାନାଳ ଜିଲାରେ ଗତ ୨୪ ଘଣ୍ଟାରେ ୩୭ ପଜିଟିଭ୍ ଚିହ୍ନଟ ହୋଇଥିବାବେଳେ ୪୪ ଜଣ ସୁସ୍ଥ ହୋଇଛନ୍ତି। ଏଥିସହ ଜଣେ ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି। ଏହାପରେ ଜିଲାରେ ମୋଟ କୋଭିଡ୍ ଆକ୍ରାନ୍ତଜନିତ ମୃତ୍ୟୁସଂଖ୍ୟା ୧୦୭ରେ ପହଞ୍ଚିଛି। ନୂଆ ସଂକ୍ରମିତଙ୍କ ମଧ୍ୟରେ ଢେଙ୍କାନାଳ ପୌରାଞ୍ଚଳର ୯, ସଦର ବ୍ଲକର ୯, ଓଡ଼ାପଡ଼ାର ୭, ହିନ୍ଦୋଳର ୭, କାମାକ୍ଷାନଗର ଏନ୍ଏସିର ୨, ଗଁଦିଆ ବ୍ଲକର ୧, କଙ୍କଡ଼ାହାଡ଼ ବ୍ଲକର ୧, ପରଜଙ୍ଗ ବ୍ଲକର ଜଣେ ରହିଛନ୍ତି। ମୋଟ ସକ୍ରିୟ ଆକ୍ରାନ୍ତଙ୍କ ସଂଖ୍ୟା ୫୩୩ ରହିଥିବା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

## ବିଦ୍ୟୁତ୍ ସୁରକ୍ଷା ସଚେତନତା

**କାମାକ୍ଷାନଗର, ୨୩।୭(ଡି.ଏନ୍.ଏ.)**

ଢେଙ୍କାନାଳ ଜିଲା କାମାକ୍ଷାନଗର ବିଦ୍ୟୁତ୍ ବିଭାଗ ତରଫରୁ ଗୁରୁବାର ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଏକ ରଥ ବିଭିନ୍ନ ଗ୍ରାମ ବୁଲି ବୈଦ୍ୟୁତିକ ଯନ୍ତ୍ରପାତିର ସୁରକ୍ଷିତ ବ୍ୟବହାର, ବିଦ୍ୟୁତ୍ ଆଘାତର ପ୍ରାଥମିକ ଚିକିତ୍ସା ଆଦି ବିଷୟରେ ସଚେତନ କରାଇଥିଲା। କାମାକ୍ଷାନଗର ବିଦ୍ୟୁତ୍ ବିଭାଗ ସହକାରୀ ଯନ୍ତ୍ରୀ ନିର୍ମଳ ସାମଲ, ଯନ୍ତ୍ରୀ ନଳିନୀ ଶଙ୍କର ରଥ, ଉପଖଣ୍ଡ ସୁରକ୍ଷା ଅଫିସର ହିମାଦ୍ରି ସାହୁ, ଅରବିନ୍ଦ ବିଶ୍ୱାଳ, ମହେଶ୍ୱର ପରିଡ଼ା, ଶ୍ରୀନିବାସ ବାଇ, ଶରତ ବର୍ମା, ରାକେଶ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।

# ତେଲଙ୍ଗାନାରେ ଓଡ଼ିଆ ଶ୍ରମିକଙ୍କ ମୃତ୍ୟୁ

**କାମାକ୍ଷାନଗର, ୨୩।୭(ଡି.ଏନ୍.ଏ.)**

- ପରିବାର ଆଣିଲା ହତ୍ୟା ଅଭିଯୋଗ
- ମୃତଦେହ ଆଣିଥିବା ଆମ୍ବୁଲାନ୍ସ ଅଟକ

ତେଲଙ୍ଗାନାରେ ଶ୍ରମିକ ଭାବେ କାର୍ଯ୍ୟରତ ଢେଙ୍କାନାଳ ଜିଲା କଙ୍କଡ଼ାହାଡ଼ ଥାନା କଣ୍ଟାପାଳ ପଞ୍ଚାୟତ ଅଡାପାଲି ଗ୍ରାମର ରୁଚି ମହାନ୍ତଙ୍କ ପୁତ୍ର ବରୁଣ (୨୨)ଙ୍କ ସନ୍ଦେହଜନକ ଅବସ୍ଥାରେ ମୃତ୍ୟୁ ଘଟିଛି। ବରୁଣ କ୍ରଶରରୁ ଡେ଼ଇଁ ଆତ୍ମହତ୍ୟା କରିଥିବା କେତେଜଣ ପ୍ରତ୍ୟକ୍ଷଦର୍ଶୀ କହୁଥିବାବେଳେ ପରିବାର ଲୋକେ ହତ୍ୟା ଅଭିଯୋଗ ଆଣିଛନ୍ତି। ଅପରପକ୍ଷେ ଶୁକ୍ରବାର ବରୁଣଙ୍କ ମୃତଦେହ କମ୍ପାନୀ ଆମ୍ବୁଲାନ୍ସ ସହାୟତାରେ ଗ୍ରାମରେ ପହଞ୍ଚିଥିବାବେଳେ ଗ୍ରାମବାସୀ ଗାଡ଼ିକୁ ଅଟକ ରଖିଛନ୍ତି। ଘଟଣାକୁ ନେଇ ତୀବ୍ର ଉତ୍ତେଜନା ଦେଖାଦେଇଛି।

ସୂଚନାଯୋଗ୍ୟ, ବରୁଣ ୬ମାସ ହେଲା ତେଲଙ୍ଗାନା ଖମମ ଜିଲା ପାଲମରିଚ୍ ଅଞ୍ଚଳରେ ଥିବା ଭେଙ୍କଟେଶ୍ୱର ଷ୍ଟୋନ୍ କମ୍ପାନୀରେ ହେଲ୍‌ପର ଭାବେ କାମ କରୁଥିଲେ। ଗତ ୨୧ ତାରିଖ ସକାଳେ ଖାଦାନର ୨୦୦ ଫୁଟ ତଳୁ ତାଙ୍କ ମୃତଦେହ ଠାବ କରାଯାଇଥିଲା। ସ୍ଥାନୀୟ ଥାନାରେ ଅଭିଯୋଗ ପରେ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇ ସେଠାରେ କାର୍ଯ୍ୟରତ ବରୁଣଙ୍କ ସମ୍ପର୍କୀୟଙ୍କୁ ହସ୍ତାନ୍ତର କରିଥିଲା। କମ୍ପାନୀ କର୍ତ୍ତୃପକ୍ଷ ଆମ୍ବୁଲାନ୍ସରେ ମୃତଦେହ ଗ୍ରାମକୁ ପଠାଇବା ବ୍ୟବସ୍ଥା କରିଥିଲେ। ହେଲେ ଆମ୍ବୁଲାନ୍ସ ପହଞ୍ଚିବା ପରେ ଉତ୍ତ୍ୟକ୍ତ ଗ୍ରାମବାସୀ ଗାଡ଼ି ଅଟକାଇବା ସହ ବରୁଣଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ କରିଥିଲେ। ଏହାକୁ ନେଇ ଗ୍ରାମରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। କଙ୍କଡ଼ାହାଡ଼ ପୋଲିସ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲା। ଏହାପରେ ତେଲଙ୍ଗାନା ପୋଲିସ ସହିତ ଯୋଗାଯୋଗ କରି ପରିସ୍ଥିତି ନିୟନ୍ତ୍ରଣ କରିବାକୁ ଉଦ୍ୟମ କରିଥିଲା। ତେବେ ଲୋକମାନେ ଶାନ୍ତ ପଡ଼ି ନ ଥିଲେ। ଖବର ଲେଖାଯିବା ଯାଏ ଆମ୍ବୁଲାନ୍ସ ଏବଂ ଡ୍ରାଇଭର ଅଟକ ଅଛନ୍ତି।

ଅନ୍ୟପଟେ ବରୁଣ କ୍ରଶରରୁ ଡେଇଁ ଆତ୍ମହତ୍ୟା କରିଥିବା କେତେଜଣ ସମ୍ପର୍କୀୟ କହିଛନ୍ତି। ତେଲଙ୍ଗାନା ପୋଲିସ ମଧ ଏହା ଏକ ଅସ୍ୱାଭାବିକ ମୃତ୍ୟୁ ବୋଲି କହିଛି। ତେବେ ତଦନ୍ତ ଏବଂ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଏହାର କାରଣ ସ୍ପଷ୍ଟ ହେବ ବୋଲି ସ୍ଥାନୀୟ ପୋଲିସ କହିଛି।




ତେଲଙ୍ଗାନାରୁ ମୃତଦେହ ନେଇ ଆସିଥିବା ଆମ୍ବୁଲାନ୍ସକୁ ଗ୍ରାମବାସୀ ଅଟକ ରଖିଛନ୍ତି।



ଲଗାଣ ବର୍ଷାରେ ଢେଙ୍କାନାଳ ଜିଲା ଭୁବନ ଏନ୍ଏସି ୩ନଂ. ୱାର୍ଡ ନୂଆ ଭୁବନ ପୂର୍ତ୍ତ ବିଭାଗ ରାସ୍ତା ଜଳାର୍ଣ୍ଣବ। (ଫଟୋ– ବିପିନ)

# ପ୍ରଶିକ୍ଷାର୍ଥୀଙ୍କ ଦ୍ୱାରା ୯୨ ଗ୍ରାମରେ ପାଠପଢ଼ା

**ଢେଙ୍କାନାଳ ଅଫିସ, ୨୩।୭**

**ବିକଳ୍ପ ଶିକ୍ଷାଦାନ କାର୍ଯ୍ୟକ୍ରମ**

କରୋନା ମହାମାରୀ ସମୟରେ ଶିକ୍ଷାଦାନ ବ୍ୟାପକମାତ୍ରାରେ ପ୍ରଭାବିତ ହୋଇଛି। ସରକାରୀ ନିର୍ଦ୍ଦେଶରେ ଅନ୍‌ଲାଇନ୍ ମାଧ୍ୟମରେ ପାଠପଢ଼ା ଚାଲିଥିଲେ ମଧ ଆଭ୍ୟନ୍ତରୀଣ ଅଞ୍ଚଳରେ ଇଣ୍ଟରନେଟ୍ ସମସ୍ୟା ଏଥିରେ ବାଧକ ସାଜିଛି। ତେବେ ବିଦ୍ୟାଳୟ ଏବଂ ଗଣଶିକ୍ଷା ବିଭାଗର ନିର୍ଦ୍ଦେଶରେ ବିକଳ୍ପ ଶିକ୍ଷାଦାନ ଲାଗି ଗ୍ରାମାଞ୍ଚଳରେ ପାଠପଢ଼ା ଜାରି ରଖିଛନ୍ତି ମେଧାବୀ ପ୍ରଶିକ୍ଷାର୍ଥୀ ଶିକ୍ଷକ। ଢେଙ୍କାନାଳ ଜିଲାର ୯୨ ଗ୍ରାମରେ ଏଭଳି ୯୨ ଜଣ ପ୍ରଶିକ୍ଷାର୍ଥୀ ସାଜିଛନ୍ତି ଶିକ୍ଷାର ଆଲୋକବର୍ତ୍ତିକା। ଜିଲା ଶିକ୍ଷା ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ଅନ୍‌ଲାଇନ ଶିକ୍ଷାରୁ ବଞ୍ଚିତ ହେଉଥିବା ଛାତ୍ରୀଛାତ୍ରଙ୍କୁ ବିକଳ୍ପ ଶିକ୍ଷାଦାନ ଲାଗି ଜିଲା ଶିକ୍ଷକ ଶିକ୍ଷା ପ୍ରଶିକ୍ଷଣ ପ୍ରତିଷ୍ଠାନ (ଡିଆଇଇଟି)ରେ ତାଲିମ ନେଉଥିବା ପ୍ରଶିକ୍ଷାର୍ଥୀଙ୍କୁ ଏହି କାର୍ଯ୍ୟକ୍ରମରେ ସାମିଲ କରାଯାଇଛି। ଡିଆଇଇଟି ଅଧକ୍ଷ ଡ. ସଚ୍ଚିଦାନନ୍ଦ ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହା ଜାରି ରହିଛି। ଜିଲାର ୯୨ ଗ୍ରାମରେ ୯୨ଜଣ ପ୍ରଶିକ୍ଷାର୍ଥୀ ଛାତ୍ରୀଛାତ୍ରଙ୍କୁ କରୋନା ଗାଇଡ୍‌ଲାଇନ୍ ଅନୁପାଳନ କରି ଶିକ୍ଷାଦାନ କରୁଛନ୍ତି। ଭର୍ଚୁଆଲ ଲାଇଭ୍ ୟୁଟ୍ୟୁବ୍ କ୍ଲାସ ମଧ ସମାନ୍ତରାଳ ଭାବେ ଜାରିରହିଛି। ଏହି କାର୍ଯ୍ୟକ୍ରମ ଜୁନ୍ ୨୧ରୁ ଆରମ୍ଭ ହୋଇଛି। ପ୍ରଥମରୁ ୧୦ମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ନିମନ୍ତେ ଲାଇଭ୍ କ୍ଲାସ୍ କରାଯାଉଛି। ନିର୍ଦ୍ଧାରିତ ସମୟ ସାରଣୀ ଅନୁଯାୟୀ ସ୍ଥାନୀୟ ବ୍ରଜନାଥ ବଡ଼ଜେନା ହାଇସ୍କୁଲରୁ ଲାଇଭ୍ ଷ୍ଟ୍ରିମିଂ ହେଉଛି। ଜିଲା ଶିକ୍ଷାଧିକାରୀ ନିବେଦିତା ପାଣିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଶିକ୍ଷକମାନେ ଶିକ୍ଷାଦାନ କରୁଛନ୍ତି। ଶିକ୍ଷାଦାନ ପୂର୍ବଦିନ ୟୁଟ୍ୟୁବ୍ ଲିଙ୍କ୍ ପ୍ରସ୍ତୁତ କରି ଶେୟାର କରାଯାଉଛି। ୟୁଟ୍ୟୁବ୍ ଲାଇଭ୍ କ୍ଲାସ୍ ବ୍ୟତୀତ ଶିକ୍ଷା ଦର୍ପଣ, ରେଡ଼ିଓ ପାଠଶାଳା, ମଧୁ ଆପ୍, ଦୀକ୍ଷା ଆପ୍‌ରୁ ମଧ ପିଲାମାନେ ଉପକୃତ ହେଉଥିବା ଜିଲା ଶିକ୍ଷା ବିଭାଗ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

# ପୋଲିସ ହାତରେ ଲୁଟେରା ଗ୍ୟାଙ୍ଗ୍

**ଢେଙ୍କାନାଳ ଅଫିସ, ୨୩।୭**

**ସୁନାଚେନ୍, ଖେଳନା ପିସ୍ତଲ ଜବତ**

ଖେଳନା ପିସ୍ତଲ ଦେଖାଇ ଲୁଟ୍‌ପାଟ୍ କରୁଥିବା ଏକ ଗ୍ୟାଙ୍ଗର ୩ଜଣ ସଦସ୍ୟଙ୍କୁ ଢେଙ୍କାନାଳ ଟାଉନ ଥାନା ଏବଂ ସଦର ଥାନା ପୋଲିସର ମିଳିତ ଟିମ୍ ଗିରଫ କରିଛି। ସେମାନଙ୍କ ନିକଟରୁ ନକଲି ବନ୍ଧୁକ ଏବଂ ଲୁଟ୍ ହୋଇଥିବା ସୁନାଚେନ୍ ଜବତ ହୋଇଛି। ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଥିବା ଶୁକ୍ରବାର ଟାଉନ ଥାନା ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସଦର ଏସ୍‌ଡିପିଓ ବିକାଶ ବେଉରିଆ ସୂଚନା ଦେଇଛନ୍ତି। ୨୦୨୦ ଡିସେମ୍ବର ୨୭ ଅପରାହ୍ନ ପ୍ରାୟ ୧ଟା ୫୦ରେ କଣ୍ଟାନାଳୀ ବାଇପାସ୍‌ରେ ଜଣେ ମହିଳା ନିଜର ଟେଲରିଂ ଦୋକାନରେ ବସିଥିଲେ। ଏହି ସମୟରେ ୨ଜଣ ଯୁବକ ବାଇକ୍‌ରେ ଆସି ଦୋକାନରେ ପଶି ନକଲି ବନ୍ଧୁକ ଦେଖାଇ ତାଙ୍କ ବେକରୁ ସୁନା ଚେନ୍ ଝାମ୍ପି ନେଇଥିଲେ। ଏ ନେଇ ନଂ. ୫୩୬/୨୦ରେ ଏକ ମାମଲା ରୁଜୁ ହୋଇଥିଲା। ଦୀର୍ଘ ୮ ମାସ ପରେ ପୋଲିସ ଘଟଣାର ୨ ଅଭିଯୁକ୍ତ ଏବଂ ଏଥିରେ ସମ୍ପୃକ୍ତ ଅନ୍ୟ ଜଣେ ଯୁବକଙ୍କୁ ଗିରଫ କରିଛି। ତଦନ୍ତ ଚାଲିଥିବାରୁ ଅଭିଯୁକ୍ତଙ୍କ ନାମ ଗୋପନ ରଖାଯାଇଛି ବୋଲି ଏସ୍‌ଡିପିଓ ସୂଚନା ଦେଇଛନ୍ତି। ଖବରଦାତା ସମ୍ମିଳନୀରେ ଟାଉନ ଥାନାଧିକାରୀ ନମିତା ନାୟକ ଉପସ୍ଥିତ ଥିଲେ।



ପୋଲିସ ହାତରେ ଧରାପଡ଼ିଥିବା ୩ ଅଭିଯୁକ୍ତ ଏବଂ ଜବତ ନକଲି ବନ୍ଧୁକ।

# ହାତୀଙ୍କ ଚଲାପଥ ଜାତୀୟ ରାଜପଥ

**ଢେଙ୍କାନାଳ ଅଫିସ, ୨୩।୭**

- ହଳଦିଆବାହାଳରେ ଡେରା ପକାଇଛନ୍ତି ୨୫ ହାତୀ
- ଏନ୍ଏଚ୍‌ରେ ଅଣ୍ଡରପାସ୍ ନିର୍ମାଣ କରିବାକୁ ଦାବି

ଢେଙ୍କାନାଳ ଜିଲାରେ ହାତୀଙ୍କ ଚଲାପଥ ପାଲଟିଛି ୫୫ନଂ. ଜାତୀୟ ରାଜପଥ। ପ୍ରାକୃତିକ ଚଲାପଥ ଅବରୋଧ ଏବଂ ଅଣ୍ଡରପାସ୍ ନିର୍ମାଣ କରାଯାଉ ନ ଥିବାରୁ ହାତୀମାନେ ସେମାନଙ୍କ ଦୈନିକ ଚଲାପଥ ମାର୍ଗ ବଦଳାଉଛନ୍ତି। ହାତୀପଲ ଜୀବନକୁ ବିପଦରେ ପକାଇ ଏନ୍ଏଚ୍ ଦେଇ ଅତିକ୍ରମ କରୁଛନ୍ତି।

ମୋଟଙ୍ଗା ଥାନା ହଳଦିଆବାହାଳସ୍ଥିତ ୫୫ନଂ. ଜାତୀୟ ରାଜପଥରେ ଶୁକ୍ରବାର ସକାଳେ ୧୬ ହାତୀ ଏବଂ ସନ୍ଧ୍ୟାରେ ୨୫ ହାତୀ ପାର ହୋଇଥିଲେ। ହାତୀପଲ ରାସ୍ତା ଉପରେ ଅଟକି ରହିବା କାରଣରୁ ଉଭୟ ପାର୍ଶ୍ୱରେ ଶତାଧିକ ଯାନବାହନ ଅଟକି ରହି ଟ୍ରାଫିକ୍ ଜାମ୍ ହୋଇଥିଲା। ରାସ୍ତାପାର୍ଶ୍ୱରେ ଛିଡ଼ା ହୋଇ ହାତୀପଲଙ୍କୁ ନେଇ ଗାଡ଼ିଚାଳକ ଓ ଯାତ୍ରୀମାନେ ଆତଙ୍କିତ ହୋଇପଡ଼ିଥିଲେ।

ସଦର ଥାନା ଝାରଗାଡ଼ିଆ ଫାଣ୍ଡି ଅନ୍ତର୍ଗତ ୫୫ନଂ. ଜାତୀୟ ରାଜପଥର ରସାସିଂହ, ମୋଟଙ୍ଗା ଥାନା ହିନ୍ଦୋଳ ରୋଡ୍ ଫାଣ୍ଡି ଅନ୍ତର୍ଗତ ଗଇଲୋ ଛକ, ଗୁଣ୍ଡୁଦେଇ ନିକଟରେ ଅଧିକାଂଶ ସମୟରେ ହାତୀପଲ ଜାତୀୟ ରାଜପଥ ପାର ହେଉଛନ୍ତି। ଏନ୍ଏଚ୍ ନିକଟବର୍ତ୍ତୀ ଗ୍ରାମରେ ହାତୀ ଉପଦ୍ରବ ବଢୁଥିବାରୁ ଅଞ୍ଚଳବାସୀ ଭୟ ଆତଙ୍କରେ ଦିନ ବିତାଉଛନ୍ତି। ରାଜପଥରେ ତୁରନ୍ତ ଅଣ୍ଡରପାସ୍ ନିର୍ମାଣ କରିବାକୁ ସେମାନେ ଦାବି କରିଛନ୍ତି।

ଏ ସଂକ୍ରାନ୍ତରେ ସଦର ରେଞ୍ଜର ଧରିତ୍ରୀ ମୁର୍ମୁ କୁହନ୍ତି, ହଳଦିଆବାହାଳ ଅଞ୍ଚଳରେ ଡେରା ପକାଇଥିବା ୨୫ ହାତୀ ସକାଳ ଓ ସନ୍ଧ୍ୟାରେ ୫୫ନଂ. ଜାତୀୟ ରାଜପଥ ପାର୍ ହେଉଛନ୍ତି। ସକାଳେ ବ୍ରାହ୍ମଣୀ ନଦୀ କୂଳକୁ ଖାଦ୍ୟ ଅନ୍ୱେଷଣରେ ଯାଇ ସନ୍ଧ୍ୟାରେ ଆବାସ ସ୍ଥଳକୁ ଫେରି ଆସୁଛନ୍ତି। ବନ କର୍ମଚାରୀ ହାତୀଙ୍କ ଗତିବିଧି ଉପରେ ନଜର ରଖିଥିବା ରେଞ୍ଜର ସୂଚନା ଦେଇଛନ୍ତି।



ହାତୀପଲ ହଳଦିଆବାହାଳ ନିକଟ ୫୫ନଂ. ଜାତୀୟ ରାଜପଥ ପାର ହେଉଛନ୍ତି।

